# NATIONAL NEWS BULLETIN (ODIA)

## 01st October' 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ରୀୟ ଲୋକସେବା ଆୟୋଗର ଶତବାର୍ଷିକୀ ଉତ୍ସବରେ ଆଜି ଯୋଗଦେବେ ପ୍ରଧାନମନ୍ତ୍ରୀ ।
- ଆଜିଠାରୁ ଦେଶରେ ଲାଗୁ ହେଉଛି ବ୍ୟାଙ୍କର୍ସ ବୁକ୍ ଏଭିଡେନ୍ସ ଆକ୍ଟ-୨୦୨୬ ।
- ପ୍ରତିରକ୍ଷା ଆକାଉଣ୍ଟସ୍ ବିଭାଗର ୨ ଶହ ଅଣାଅଶୀତମ ବାର୍ଷିକ ଉତ୍ସବରେ ବିଭିନ୍ନ ପ୍ରଯୁକ୍ତିମୂଳକ ପଦକ୍ଷେପର ଶୁଭାରମ୍ଭ କରିବେ ପ୍ରତିରକ୍ଷା ମନ୍ତ୍ରୀ ।
- ନୂତନ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ନେଇ ଆଜି ନୂଆଦିଲ୍ଲୀରେ ଆରମ୍ଭ ହେବ ବୟନଶିଳ୍ପ ସମ୍ମିଳନୀ ।

ଏବଂ

- ଦ୍ୱିତୀୟ ଆନ୍ତର୍ଜାତିକିକ ଦିନିକିଆ କ୍ରିକେଟ୍ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜକୁ ୮ ୱିକେଟ୍‌ରେ ପରାସ୍ତ କଲା ଭାରତ ।

## ପି.ଏମ୍. - ୟୁ.ପି.ଏସ୍.ସି.

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ କେନ୍ଦ୍ରୀୟ ଲୋକସେବା ଆୟୋଗର ଶତବାର୍ଷିକୀ ଉତ୍ସବରେ ଯୋଗଦେବେ । ଏହି ଅବସରରେ ଶ୍ରୀ ମୋଦି ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ୧୯୨୬ ମସିହାରେ ସ୍ଥାପିତ କେନ୍ଦ୍ରୀୟ ଲୋକସେବା ଆୟୋଗର ଶତବାର୍ଷିକୀ ପାଳନ ଗତବର୍ଷ ଅକ୍ଟୋବର ୧ ତାରିଖରୁ ଆରମ୍ଭ ହୋଇଥିଲା । ଆଜି ଅନୁଷ୍ଠିତ ହେବାକୁ ଥିବା ଉତ୍ସବରେ ପ୍ରଧାନମନ୍ତ୍ରୀ ସ୍ମାରକୀ ଡାକଟିକଟ, ଷ୍ଟାମ୍ପ୍ ଏବଂ ଏକ ପୁସ୍ତକର ଉନ୍ମୋଚନ କରିବେ । ପୁସ୍ତକର ଶୀର୍ଷକ ରହିଛି 100 Landmark Judgements- Shaping the Policies of UPSC and Public Service Commissions in India. କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ଭାଗରୁ ଅଂଶୀଦାରମାନେ ଯୋଗଦେବା ସହ ରାଜ୍ୟ ଲୋକସେବା ଆୟୋଗଗୁଡ଼ିକ୍‌ର ଅଧ୍ୟକ୍ଷ ଏବଂ ସଦସ୍ୟ, ଭାରତ ସକରାରଙ୍କ ଉଚ୍ଚପଦସ୍ଥ ଅଧିକାରୀ ଏବଂ କେନ୍ଦ୍ରୀୟ ଲୋକସେବା ଆୟୋଗର ଅଧିକାରୀ ଓ କର୍ମଚାରୀମାନେ ଭାଗ ନେବେ । ଭାରତ ମଣ୍ଡପମ୍‌ଠାରେ ଗତକାଲି ଆରମ୍ଭ

ହୋଇଥିବା ଶତବାର୍ଷିକୀ କାର୍ଯ୍ୟକ୍ରମର ପ୍ରଥମ ଦିନରେ ଶତାବ୍ଦୀ ସମାରୋହ 'ମନ୍ଥନ'ରେ ବିଶିଷ୍ଟ ବ୍ୟକ୍ତିମାନେ ଉଦ୍‌ବୋଧନ ଦେବା ସହ ଦଳଗତ ଆଲୋଚନା ଅନୁଷ୍ଠିତ ହୋଇଥିଲା ।

## ବ୍ୟାଙ୍କର୍ସ ବୁକ୍ ଆକ୍ଟ

ବ୍ୟାଙ୍କର୍ସ ବୁକ୍ ଏଭିଡେନ୍ସ ଆକ୍ଟ-୨୦୨୬ - ବ୍ୟାଙ୍କର୍ସ ସାକ୍ଷ୍ୟ ଆଇନ ଅଜିଠାରୁ ଲାଗୁ ହୋଇଛି । ଗତ ଅଗଷ୍ଟମାସ ୧୩ ତାରିଖରେ ଏହି ଆଇନ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଥିଲା । ପୂର୍ବରୁ ପ୍ରଚଳିତ ୧୮୯୧ର ଆଇନ ପରିବର୍ତ୍ତେ ନୂଆ ଆଇନ ଆଜିଠାରୁ କାର୍ଯ୍ୟକାରୀ ହେଉଛି । ବ୍ୟାଙ୍କ ଦସ୍ତାବିଜ୍‌ଗୁଡ଼ିକୁ ସାକ୍ଷ୍ୟ ଭାବେ ବ୍ୟବହାର କରିବା ଉଦ୍ଦେଶ୍ୟରେ ନୂତନ ଡାଟାର ପ୍ରୟୋଗାତ୍ମକ ଦିଗଗୁଡ଼ିକ ଉପରେ ନୂଆ ବ୍ୟାଙ୍କର୍ସ ବୁକ୍ ଏଭିଡେନ୍ସ ଆକ୍ଟରେ ବ୍ୟବସ୍ଥା ରହିଛି । ବ୍ୟାଙ୍କ ଦସ୍ତାବିଜ୍‌ଗୁଡ଼ିକୁ ବିଭିନ୍ନ ନୂତନ ଜ୍ଞାନକୌଶଳ ପ୍ରୟୋଗ କରି ସଂରକ୍ଷିତ ରଖିବା ଉପରେ ଏହି ନିୟମରେ ଗୁରୁତ୍ୱ ଦିଆଯାଇଛି । ନୂଆ ଆଇନ ଅନୁଯାୟୀ ବର୍ତ୍ତମାନର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଆଇନଗତ ବ୍ୟବସ୍ଥା ଜରିଆରେ ସମସ୍ତ ଦସ୍ତାବିଜ୍‌ର ଆଧୁନିକୀକରଣ କରାଯିବ ।

# ଗୋୟଲ୍ - ଜି-୨୦ ପୋଲାଣ୍ଡ

କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ' ପୋଲାଣ୍ଡର ଅର୍ଥମନ୍ତ୍ରୀ ଆଣ୍ଡ୍ରେଜ୍ ଡୋମାନସ୍କି'ଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ଆମେରିକାରେ ଅନୁଷ୍ଠିତ ଜି-୨୦ ବାଣିଜ୍ୟ ମନ୍ତ୍ରୀମାନଙ୍କ ସମ୍ମିଳନୀରେ ଯୋଗଦେବାକୁ ଯାଇଥିବା ମନ୍ତ୍ରୀ ଶ୍ରୀ ଗୋୟଲ୍ ପୋଲାଣ୍ଡ ଅର୍ଥମନ୍ତ୍ରୀଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ସମ୍ପର୍କ ନେଇ ମତ ବିନିମୟ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଗୋୟଲ୍ କହିଛନ୍ତି, ଏହି ବୈଠକ ଫଳପ୍ରଦ ହୋଇଛି । ଉଭୟ ନେତା ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଦୃଢ଼ କରିବା ଲାଗି ବାଣିଜ୍ୟ ଏବଂ ପୁଞ୍ଜିନିବେଶ ଭଳି କ୍ଷେତ୍ରକୁ ନୂତନ ଶିଖରକୁ ନେବା ଲାଗି ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି । ଶ୍ରୀ ଗୋୟଲ୍ କହିଛନ୍ତି, ଉଭୟ ଦେଶ ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମା, ବ୍ୟବସାୟ ଏବଂ ଅର୍ଥନୈତିକ ସହଯୋଗ ବ୍ୟବସ୍ଥା ଦୃଢ଼ କରିବା ଦିଗରେ ନୂଆ ସୁଯୋଗ ସୃଷ୍ଟି କରିବ ।

# ରାଜନାଥ - ଡିଫେନ୍ସ ଆନୁଆଲ୍ ଡେ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ନୂଆଦିଲ୍ଲୀରେ ପ୍ରତିରକ୍ଷା ଆକାଉଣ୍ଟ୍ସ ବିଭାଗର ୨ ଶହ ଅଣାଅଶୀତମ ବାର୍ଷିକ ଉତ୍ସବରେ

ଯୋଗଦେବେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସିଂହ ବିଭିନ୍ନ ସୂଚନା ପ୍ରଯୁକ୍ତିମୂଳକ ପଦକ୍ଷେପର ଶୁଭାରମ୍ଭ କରିବେ । ଭାରତୀୟ ସେନା ଆର୍ଥିକ ସୂଚନା ବ୍ୟବସ୍ଥା ସମ୍ବଳିତ 'ସକ୍ଷମ' ପ୍ଲାଟ୍‌ଫର୍ମ, ପ୍ରତିରକ୍ଷା ମନ୍ତ୍ରଣାଳୟର ଜାତୀୟ ସଂକଳନ ପ୍ରଣାଳୀ ଏବଂ ଟ୍ରେଜେରୀ-ସିଙ୍ଗଲ୍ ଆକାଉଣ୍ଟ ପେମେଣ୍ଟ ବ୍ୟବସ୍ଥାର ଏକତ୍ରୀକରଣ ବ୍ୟବସ୍ଥାର ମଧ୍ୟ ଶ୍ରୀ ସିଂହ ଉଦ୍‌ଘାଟନ କରିବେ । ଏହି ଅବସରରେ ଶ୍ରୀ ସିଂହ ପ୍ରତିରକ୍ଷା ଆୟବ୍ୟୟ ବିବରଣୀ ସମ୍ପର୍କିତ ଏକ ସ୍ୱତନ୍ତ୍ର ପରିସଂଖ୍ୟାନ ପୁସ୍ତିକା ଉନ୍ମୋଚନ କରିବାର କାର୍ଯ୍ୟସୂଚୀ ରହିଛି ।

## ସେବା ସଙ୍କଳ୍ପ ଅଭିଯାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନସେବାକୁ ୨୫ ବର୍ଷ ପୂରଣ ହୋଇଛି। ଜନସେବାରୁ ଦେଶସେବା ମନ୍ତ୍ର ଆଧାରିତ ଜୟଯାତ୍ରା ଏବଂ ଏ ପର୍ଯ୍ୟନ୍ତ ଜାରି ରହିଥିବା ନିରନ୍ତର ଅଙ୍ଗୀକାରବଦ୍ଧତାକୁ ଏହା ପ୍ରକାଶ କରୁଛି । ସେବା ଏବଂ ସୁଶାସନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି । ସମାବେଶୀ ବିକାଶ ଏବଂ ସାମାଜିକ ସଶକ୍ତୀକରଣ ଜରିଆରେ ଏହି ଉତ୍ସର୍ଗୀକୃତ ସିଦ୍ଧାନ୍ତ ଜୀବନ୍ତ ରୂପ ନେଇଛି । ସେବା ସଙ୍କଳ୍ପ ଅଭିଯାନର ଏହି

ସ୍ୱତନ୍ତ୍ର ଧାରାବାହିକରେ ଆଜି ଆମେ ଆପଣଙ୍କୁ 'ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା' ଅଭିଯାନ ସମ୍ପର୍କରେ ତଥ୍ୟ ପ୍ରଦାନ କରୁଛୁ ।

୨୦୧୫ ମସିହାରେ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାର ମୂଳ ଲକ୍ଷ୍ୟ ହେଉଛି ଆର୍ଥିକ ସେବାରୁ ବଞ୍ଚିତ କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ଋଣ ଯୋଗାଇ ଦେବା ଏବଂ ସେମାନଙ୍କ ଉଦ୍ୟୋଗୀ ସମ୍ଭାବନାକୁ ବିକଶିତ କରିବା। ଏହି ଯୋଜନା ଅଧୀନରେ ବନ୍ଧକବିହୀନ ଋଣ ଯୋଗାଇ ଦିଆଯାଉଥିବାରୁ ବହୁ ସଂଖ୍ୟକ କ୍ଷୁଦ୍ର ଉଦ୍ୟୋଗ ଆର୍ଥିକ ବ୍ୟବସ୍ଥାରେ ସାମିଲ ହୋଇପାରିଛନ୍ତି।

ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି :

***Voice (PM - Mudra)*** :.......

ତଥ୍ୟ ଅନୁସାରେ, ମୁଦ୍ରା ଋଣର ୬୮ ପ୍ରତିଶତ ମହିଳା ଉଦ୍ୟୋଗୀଙ୍କୁ ଏବଂ ୫୧ ପ୍ରତିଶତ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପଛୁଆ ବର୍ଗର ଋଣଗ୍ରହୀତାଙ୍କୁ ପ୍ରଦାନ କରାଯାଇଛି।

ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟର ଏକ ସର୍ବେକ୍ଷଣ ଅନୁସାରେ, ୨୦୧୫ରୁ ୨୦୧୮ ମଧ୍ୟରେ ମୁଦ୍ରା ଯୋଜନା ଦ୍ୱାରା ପ୍ରାୟ ଏକ କୋଟି ୧୨ ଲକ୍ଷ ଅତିରିକ୍ତ ନିଯୁକ୍ତି ସୃଷ୍ଟି ହୋଇଛି ।

ଏହି ଯୋଜନାର ପରିସରକୁ ଆହୁରି ବୃଦ୍ଧି କରି ୨୦୨୪ ମସିହାରେ ମୁଦ୍ରା ଋଣର ସର୍ବୋଚ୍ଚ ସୀମା ୧୦ ଲକ୍ଷ ଟଙ୍କାରୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଫଳରେ ସଫଳ ଉଦ୍ୟୋଗୀମାନେ ନିଜ ବ୍ୟବସାୟକୁ ବିସ୍ତାର କରିବା ପାଇଁ ଅଧିକ ଋଣ ପାଇବାର ସୁଯୋଗ ପାଇଛନ୍ତି।

ପିଏମ୍ ମୁଦ୍ରା ଯୋଜନା ମାଧ୍ୟମରେ ଚାକିରି ଖୋଜିବା ପରିବର୍ତ୍ତେ ନିଜେ ଉଦ୍ୟୋଗ ଆରମ୍ଭ କରି ଅନ୍ୟମାନଙ୍କ ପାଇଁ ରୋଜଗାର ସୃଷ୍ଟି କରିବାର ଆକାଂକ୍ଷାକୁ ମଧ୍ୟ ପ୍ରୋତ୍ସାହନ ମିଳିଛି ।

ଚଳିତ ଆର୍ଥିକ ବର୍ଷ ସୁଦ୍ଧା ୧୯ କୋଟିରୁ ଅଧିକ ଋଣ ଜରିଆରେ ୨୬୨ କୋଟିରୁ ଅଧିକ ଟଙ୍କା ଋଣ ପ୍ରଦାନ କରାଯାଇଛି ।

## ଟେକ୍ସଟାଇଲ୍ କନ୍‌କ୍ଲେଭ୍

ନୂଆଦିଲ୍ଲୀରେ ଆଜି ବୟନ ଶିଳ୍ପ ସମ୍ମିଳନୀ ଆରମ୍ଭ ହେବ । ବୟନ ଶିଳ୍ପ କ୍ଷେତ୍ରରେ ନୂତନ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ନେଇ ବିସ୍ତୃତ ଆଲୋଚନା କରାଯିବ ବୋଲି ଜଣାପଡ଼ିଛି । ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଲଘୁ ଉଦ୍ୟୋଗ ଭାରତୀର ଜାତୀୟ ମହାସଚିବ ଓମ୍ ପ୍ରକାଶ ଗୁପ୍ତା କହିଛନ୍ତି, ଏହି ସମ୍ମିଳନୀରେ ୪ ଶହ ଅଣୁ ଏବଂ କ୍ଷୁଦ୍ର ଉଦ୍ୟୋଗ ସାମିଲ୍ ହେବେ । କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରୀ ଗିରିରାଜ ସିଂହ ସମ୍ମିଳନୀକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ସେ କହିଛନ୍ତି, ବିଭିନ୍ନ ଦେଶ ସହ ମୁକ୍ତ ବାଣିଜ୍ୟ ଚୁକ୍ତି ବୟନ ଶିଳ୍ପ କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି କରିଛି ଏବଂ ଏହି ସୁଯୋଗଗୁଡ଼ିକର ସଦୁପଯୋଗ ନେଇ ସମ୍ମିଳନୀରେ ଆଲୋଚନା କରାଯିବ । ଏଥିସହିତ ସରକାରଙ୍କ ପକ୍ଷରୁ ବୟନ ଶିଳ୍ପ କ୍ଷେତ୍ରର ଉନ୍ନତି ଲାଗି ରହିଥିବା

ଦୃଷ୍ଟିକୋଣ, ଯୋଜନା ଆଦି ସମ୍ପର୍କରେ ସୂଚନା ପ୍ରଦାନ କରାଯିବ । ଶ୍ରୀ ଗୁପ୍ତା କହିଛନ୍ତି, ବୟନ ଶିଳ୍ପ କ୍ଷେତ୍ର ଦେଶରେ ୪ କୋଟିରୁ ଅଧିକ ଲୋକଙ୍କୁ କର୍ମ ନିଯୋଜନ ଯୋଗାଇ ଦେଉଛି ।

## ଫ୍ଲାଏ - ଦୁବାଇ ଇନ୍‌ସିଡେଣ୍ଟ

ଦୁବାଇରୁ ଇସ୍ରାଏଲ୍‌ର ତେଲ୍ ଆଭିଭ୍ ଯାଉଥିବା ଏକ ବିମାନରେ ଓମାନ୍‌ର ସହ-ପାଇଲଟ୍ କ୍ୟାପ୍‌ଟେନ୍‌ଙ୍କୁ ଛୁରୀ ଭୂଷିବା ଏବଂ ଦୁବାଇର ଏହି ବିମାନକୁ ଦୁର୍ଘଟଣାଗ୍ରସ୍ତ କରିବା ଅଭିଯୋଗରେ ସମ୍ପୃକ୍ତ ସହ-ପାଇଲଟ୍‌ଙ୍କୁ ଗିରଫ କରାଯାଇଛି । ସାଉଦି କର୍ତ୍ତୃପକ୍ଷ ଏହା ସ୍ପଷ୍ଟ କରିଛନ୍ତି । ବିମାନଟି ତେଲ୍ ଆଭିଭ୍ ଯାଉଥିବାବେଳେ ଓମାନ୍‌ର ସହ-ପାଇଲଟ୍ ଜଣକ କ୍ୟାପ୍‌ଟେନ୍‌ଙ୍କୁ ଛୁରୀ ଭୂଷି ଦେଇଥିଲେ ଏବଂ ବିମାନଟି ୨ ମିନିଟ୍ ମଧ୍ୟରେ ୧୭ ହଜାର ୪୦୦ ଫୁଟ୍ ତଳକୁ ଖସିଆସିଥିଲା । ତେବେ କେତେଜଣ ବିମାନ ଯାତ୍ରୀ ଏବଂ ଅନ୍ୟ କର୍ମଚାରୀ ଆକ୍ରମଣକାରୀ କ୍ୟାପ୍‌ଟେନଙ୍କୁ ଅଟକାଇବା ସହ ତାବୁକ୍ ରିଜିଓନାଲ୍ ଏୟାରପୋର୍ଟରେ ବିମାନର ସୁରକ୍ଷିତ ଅବତରଣ କରାଇବାରେ ସଫଳ ହୋଇଥିଲେ ।

ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏବଂ ପ୍ରତିରକ୍ଷା ମନ୍ତ୍ରୀ ଏହି ଘଟଣାକୁ ଆତଙ୍କବାଦୀ ଆକ୍ରମଣ ବୋଲି ବର୍ଣ୍ଣନା କରିଛନ୍ତି । ଆକ୍ରମଣର ଶିକାର ହୋଇଥିବା କ୍ୟାପ୍‌ଟେନ୍ ଜଣକ ଜଣେ ଭାରତୀୟ ଏବଂ ସେ ୧୭୪

ଜଣଙ୍କ ଜୀବନ ବଞ୍ଚାଇଥିବାରୁ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ତାଙ୍କୁ ପ୍ରଶଂସା କରିଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଧ୍ୟ ଭାରତୀୟ ନାଗରିକ ତଥା କ୍ୟାପ୍ଟେନ୍ ସ୍ମିଥ୍ ମଚ୍‌ହର୍'ଙ୍କୁ ପ୍ରଶଂସା କରିଛନ୍ତି । ତାଙ୍କ ସ୍ୱାସ୍ଥ୍ୟ ଉପରେ ରିଆଧ୍ ସ୍ଥିତ ଭାରତୀୟ ଦୂତାବାସ ନଜର ରଖିଥିବା ସୂଚନା ଦିଆଯାଇଛି ।

## କ୍ରିକେଟ୍

ପୁରୁଷ କ୍ରିକେଟ୍‌ରେ ଗତକାଲି ଗୁଆହାଟୀର ବର୍ଷାପାରା କ୍ରିକେଟ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଦ୍ୱିତୀୟ ଏକଦିବସୀୟ ମ୍ୟାଚ୍‌ରେ ଭାରତ ୮ ୱିକେଟ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରିଛି । ଏହି ବିଜୟ ସହ ଭାରତ ତିନିଟିକିଆ ସିରିଜ୍‌ରେ ୨-୦ରେ ଆଗରେ ରହିଛି । ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ୍ ୭ ୱିକେଟ୍ ବିନିମୟରେ ସର୍ବାଧିକ ୪୦୫ ରନ୍ ସଂଗ୍ରହ କରିଥିଲା । ଜବାବ୍‌ରେ ଭାରତ ମାତ୍ର ୨ ୱିକେଟ୍ ବିନିମୟରେ ୪୩ ଓଭର୍ ୩ଟି ବଲ୍‌ରେ ବିଜୟ ହାସଲ କରିଥିଲା । ଅଧିନାୟକ ଶୁଭମନ ଗିଲ୍ ୧୩୩ ବଲ୍‌ରୁ ୨୨୩ ରନ୍ ସଂଗ୍ରହ କରିଥିବାବେଳେ ରୋହିତ ଶର୍ମା ୭୫ଟି ବଲ୍‌ରୁ ୧୦୧ ରନ୍ ସଂଗ୍ରହ କରି ଦିନିକିଆରେ ନିଜର ୩୫ ତମ ଶତକ ହାସଲ କରିଥିଲେ ।  ଦିନିକିଆ କ୍ରିକେଟ୍‌ରେ ଦ୍ରୁତତମ ୨ ଶତକ ହାସଲ କରିବା

କ୍ଷେତ୍ରରେ ଗିଲ୍ ରେକର୍ଡ଼ କରିଥିଲେ । ଏହି ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଆସନ୍ତା ଶନିବାର ଦିନ ନୂଆ ଚଣ୍ଡୀଗଡ଼ରେ ଖେଳାଯିବ ।

*****